# ତହସିଲ କାର୍ଯ୍ୟାଳୟ,ପୁଇଁନ୍ତଲା

ବିଜ୍ଞାପନ ସଂଖ୍ୟା: ୬୭୪ ତା: ୨.୪.୨୦୨୧

<u>ଲଘୁ ଖଣିଜ ଉତ୍ସର ଦୀର୍ଘ ମିଆଦି ଲିଜ ନିମନ୍ତେ ବିଜ୍ଞାପନ</u>

ଏତଦ୍ୱାରା ସର୍ବସାଧାରଣ ଙ୍କ ଅବଗତି ନିମେନ୍ତେ ଜଣାଇ ଦିଆଯାଉଛି ଯେ, ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ପୁଇଁନ୍ତଲା ତହସିଲ ଅଧିନରେ ଥିବା ସାରଣୀ:- 1 ରେ ଲିଖିତ 1 (ଏକ) ଗୋଟି ସୈରାତ ଉତ୍ସର ଆଗାମି 2021-22 ବର୍ଷ ଠାରୁ ପାଞ୍ଚ ବର୍ଷିୟା ଲିଜ ଆକାରରେ ବନ୍ଦୋବସ୍ତ କରିବା ପାଇଁ ଦରଖାସ୍ତ ଆହ୍ବାନ କରାଯାଉଛି। ଇଚ୍ଛୁକ ବ୍ୟକ୍ତି ବିଶେଷ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ 2016/2017ଆଇନ ଅନୁଯାୟୀ ) ଫର୍ମ ନଂ -M ପୂରଣ କରି ତିନି କପି ସହ ନିମ୍ନ ଲିଖିତ ଆବଶ୍ୟକୀୟ ଦସ୍ତାବିଜ ସଂଲଗ୍ନ କରି ଜଉମୁଦ ଲଫାପା ଜରିଆରେ ତହସିଲଦାର ପୁଇଁନ୍ତଲା ଠିକଣାରେ ତହସିଲ କାର୍ଯାଳୟ ର ଟେଣ୍ଡର ବାକ୍ସରେ ଆସନ୍ତା ତା. 07.04.2021 ରିଖ ଠାରୁ 22-04-2021 ରିଖ ସମୟ 1.30 ଘଟିକା ପର୍ଯ୍ୟନ୍ତ (ଛୁଟି ଦିନ ବ୍ୟତିତ) ପକାଇ ପାରିବେ । ତହସିଲ କାର୍ଯାଳୟର ଟେଣ୍ଡର ବାକ୍ସ ତା 23-04-2021 ରିଖ ଦିବା 11.30 ସମୟରେ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧୀ ଉପସ୍ଥିତିରେ ଦରଖାସ୍ତ ଗୁଡିକୁ ତନଖୀ କରାଯିବ । ଧାର୍ଯ୍ୟ ତାରିଖ ଅତିବାହିତ ହେଲାପରେ କୌଣସି ଦରଖାସ୍ତ ଗ୍ରହଣିୟ ହେବନାହିଁ ।ତନଖି ସମୟରେ ଅସଂପୂର୍ଣ୍ଣ ଦରଖାସ୍ତ ଗୁଡିକୁ ଖାରଜ କରାଜିବ । ଧାର୍ଯ୍ୟ ତାରିଖ ଓ ସମୟରେ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧୀ ଅନୁପସ୍ଥିତ ରହିଲେ ମଧ ସେଥିପାଇଁ ନିଲାମ କାର୍ଯ୍ୟ ଅଟକିବ ନାହିଁ । ଯଦି ଉକ୍ତ ତାରିଖରେ କୌଣସି କାରଣରୁ ନିଲାମ କାର୍ଯ୍ୟ ଚୁଡାନ୍ତ ନ ହୁଏ ତାହାଲେ ଦ୍ବିତିୟ ଥର ପାଇଁ ତା 30-04-2021 ରିଖ ଓ ତୃତିୟ ଥର ପାଇଁ ତା 06-05- 2021 ରିଖ ଦିବା 11.30 ଘଟିକା ପର୍ଯ୍ୟନ୍ତ ଇଚ୍ଛୁକ ବ୍ୟକ୍ତି ସେହିପରି ଭାବେ ଦରଖାସ୍ତ ଦାଖଲ ଦେବେ ଓ ତା 7.05.2021ରି ଖ ଦିନ 1.30 ଘଟିକା ସମୟରେ ପର୍ଯ୍ୟାୟ କ୍ରମେ ନିଲାମ କାର୍ଯ୍ୟ ପରିଚାଳିତ ହେବ । ଦରଖାସ୍ତ କାରୀ ଦରଖାସ୍ତ ଫର୍ମ ଥିବା ଜଉ ମୁଦିତ ଲଫାପାରେ ଉପର ଭାଗରେ ସୈରାତ ଉତ୍ସ ର ନାମ ପୃଥକ ପୃଥକ ଭାବେ ଲେଖି . ଦାଖଲ କରିବେ । ଆବଶ୍ୟକ ସ୍ଥଳେ କୌଣସି କାରଣ ନ ଦର୍ଶାଇ କର୍ତ୍ତୃପକ୍ଷ ନିଲାମ ସ୍ଥଗିତ , କିମ୍ବା ରଦ୍ଦ କରିପାରିବେ । ଏହି ସୈରାତ ଉତ୍ସ ଗୁଡିକର ଲିଜ ସମ୍ବନ୍ଧୀୟ ସମସ୍ତ ତଥ୍ୟ ବଲାଙ୍ଗିର ଜିଲ୍ଲା ୱେବସାଇଟ http://www.balangir.nic.in ରେ ଉପଲବ୍ଧ ଅଟେ।

<u>ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ</u>

1. ଦରଖାସ୍ତ ପାଉଣା ବାବଦକୁ ଟ. 1000/- ଏକ ହଜାର ଟଙ୍କାର ଟେଜେରୀ ଚାଲାଣ ନିମ୍ନ ହେଡରେ ପ୍ରଦାନ କରିବେ (Head of Account - 0853 Non Ferrous mining Metallurgical Industries -102 – Mineral concession fees rent and royalties)
2. ସୈରାତ ଉତ୍ସ ବାବଦ କୌଣସି ବକେୟା ଅର୍ଥ ନଥିବା ସମ୍ବନ୍ଧରେ ସତ୍ୟପାଠ ପ୍ରଦାନ କରିବେ ।
3. ଆବେଦନକାରୀ ରୟାଲଟି ଓ ଅତିରିକ୍ତ ଦେୟ ବାବଦକୁ ବାର୍ଷିକ 5% ହାରରେ ସ୍ଥିରିକୃତ ହୋଇଥିବା ପଥର ର ପରିମାଣ ଉପରେ ଦେୟ ଅମାନତ ରାଶି (Earnest Money) ଦେୟ ଡିମାଣ୍ଡ ଡ୍ରାପ ଆକାରରେ ତହସହସିଲଦାର ପୁଇଁନ୍ତଲା and payable at SBI Balangir ଙ୍କ ପ୍ରସ୍ତୁତ କରି ପଇଠ କରିବେ ।
4. Rule 27 (iv) of OMMC, Rule 2016 ମୁତାବକ ଦରଖାସ୍ତ କରୀ ନିଜେ Quote କରିଥିବା (Additional Carges+ Royalty) X Minimum Guaranteed quanity (MGQ) ଚତୁର୍ଦ୍ଧ ମୂଲ୍ୟର SOLVENCY CERTIFICSATE/BANK GURANTEE ଯାହାର ଅବଧି ପରବର୍ତ୍ତୀ 18 ମାସ ପର୍ଯ୍ୟନ୍ତ ବୈଧଥିବ ତାହା ଦାଖଲ କରିବା ହେବେ । ଏଥି ସହିତ ସଂପୃକ୍ତ ରାଜସ୍ବ ଅଧିକାରୀଙ୍କ ଠାରୁ ପ୍ରାପ୍ତ ଅନ୍ୟାନ୍ୟ ସ୍ଥାବର ସମ୍ପତ୍ତିର ବିବରଣୀ ମଧ ପ୍ରଦାନ କରିବେ ।

<u>*ଏତଦବ୍ୟତୀତ ଦରଖାସ୍ତକାରୀ* ମାନେ ନିମ୍ନୋକ୍ତ ସର୍ତ୍ତ ଗୁଡିକ ସମ୍ବନ୍ଧରେ ଧ୍ୟାନ ରଖି ଦରଖାସ୍ତ କରିବା ପାଇଁ ଅବଗତି କରାଯାଉଅଛି</u>

5 .ଫର୍ମ 'M' ରେ ଥିବା କ୍ରମିକ ନମ୍ବର 5 ରେ <u>Rate of Additional Charge</u> (per cubic metre) quote କରିବାକୁ ପଡିବ

6.ଲିଜ ର ସମସ୍ତ ସର୍ତ୍ତାବଳି ପାଳନ କରୁଥିବା ଓ Additional Charges ପାଇଁ ସର୍ବାଧିକ ମୂଲ୍ୟ ଦାଖଲ ଆବେଦନ କରିଥିବା ଆବେଦନ କାରିଙ୍କ ସପକ୍ଷରେ ଲିଜ ମଞ୍ଜୁର କରାଯିବ । *ଯଦି ଏକାଧିକ ଦରଖାସ୍ତ କାରି ସର୍ବୋଚ୍ଚୋ ଓ ସର୍ବ ପରିମାଣର* Additional Charges ଦାଖଲ କରିଥାନ୍ତି ତାହାହେଲେ ଏହା ଲଟେରୀ ମାଧମରେ ଚୟନ କରାଯିବ !

7.ଯୋଗ୍ୟ ସର୍ବୋଚ୍ଚ ଲିଜଧାରୀଙ୍କୁ ସାତ ଦିନ ମଧରେ Form-F ମାଧମରେ ଏ ବିଷୟରେ ଜଣାଇଦିଆଯିବ । ଏବଂ ତାଙ୍କର ସହମତି 15 ଦିନ ମଧରେ ତହସିଲଦାରଙ୍କୁ ଲିଖିତ ଆକାରରେ ଜଣାଇବା ସହ Royalty/_Additional Charge/ D M F ର Minimum guarantee quantity ଉପରେ 1/4 ସରକାରୀ ଦେୟ ପଇଠ କରିବେ ।

8.Mining Plan ଓ Environmental Clearance ଏହାର ଖର୍ଚ୍ଚ ବାବଦର ସରକାରୀ ଦେୟ ଯୋଗ୍ୟ ଲିଜ ଧାରୀଙ୍କୁ ଚୁକ୍ତିନାମା ସମ୍ପାଦନ ପୂର୍ବରୁ ଦେବାକୁ ପଡିବ ଏବଂ ଏଥିସହ ନିର୍ଦ୍ଧାରିତ Security Deposit ମଧ୍ୟ ଦାଖଲ ଦେବାକୁ ହେବ । ଏଥିସହ Surface Rent , Dead Rent, Royalty ଆଦିର ନିର୍ଦ୍ଧାରିତ ମୂଲ୍ୟ ଦାଖଲ କରିବା ହେବେ । ଏହାବ୍ୟତୀତ Fees for compensatory a forestation ଏବଂ Income Tax ବାବଦକୁ ଟଙ୍କା ପଇଠ କରିବାକୁ ହେବ । ଏଥିରେ ଅବହେଳା ହେଲେ ଚୟନ କରାଯାଇଥିବା ବ୍ୟକ୍ତିଙ୍କୁ ଆଗ୍ରାହ୍ୟ କରାଯିବ । ନିଲାମ ପୂର୍ବରୁ ଯଦି Mining Plan ଓ Environmental Clearance ସଂପୃକ୍ତ ଅଧିକାରି ଠାରୁ ମଞ୍ଜୁର ହୋଇଥାଏ ଚୟନ କରାଯାଇ ଥିବା ବ୍ୟକ୍ତିଙ୍କୁ ସୂଚନା ପ୍ରାପ୍ତି ର ତିନି ସପ୍ତାହ ମଧ୍ୟରେ ଓ ଅନ୍ୟ କ୍ଷେତ୍ରରେ ତିନି ମାସ ମଧ୍ୟରେ Indian Registration Act & Stamp Act ଅନୁସାରେ ତାଙ୍କ ନିଜ ଖର୍ଚ୍ଚ ରେ ନିମ୍ନ ସ୍ୱାକ୍ଷରକାରୀଙ୍କ ସହିତ Form N ରେ ଏକ ଚୁକ୍ତିନାମା ସ୍ୱାକ୍ଷର କରିବେ, ନ ହେଲେ ସୂଚନା ରଦ୍ଦ କରାଯିବା ସହ Security Deposit ବାଜ୍ୟାପ୍ତି କରାଯିବ ।

9.ଚଳିତ ବର୍ଷ ରେ ପଥର ଉତ୍ସ ପାଇଁ ପଥର ର ପ୍ରତି ଘନ ମିଟର ପିଛା Royalty ବାବଦକୁ 130 ଟଙ୍କା ଧାର୍ଯ୍ୟ ଅଛି । ଏହା ପରବର୍ତ୍ତୀ ସମୟରେ ସରକାରଙ୍କ ନିୟମ ଅନୁସାରେ 40 % ବର୍ଦ୍ଧିତ କରାଯାଇପାରେ ।

10.ଯଦି ଯୋଗ୍ୟ ସର୍ବୋଚ୍ଚ ନିଲାମଧାରି ଠିକ ସମୟରେ ସରକାରୀ ଦେୟ ପଇଠ ନ କରନ୍ତି ବା ନିଲାମର ସର୍ତ୍ତାବଳୀ ଖିଲାପ କରନ୍ତି ତାହେଲେ ଦ୍ୱିତୀୟ ସର୍ବୋଚ୍ଚ ଯୋଗ୍ୟ ପ୍ରାର୍ଥୀଙ୍କୁ ସୈରତ ଉତ୍ସ ପରିଚାଳନା ପାଇଁ ଆବଶ୍ୟକୀୟ ସରକାରୀ ଦେୟ ପଇଠ ପରେ ସୁଯୋଗ ଦିଆଯିବ ।

11.କୌଣସି ପରିସ୍ଥିତିରେ Additional Charge ର ମୂଲ୍ୟରୁ କମ ଦରରେ ଲିଜ ଅନୁମୋଦନ କରାଯିବ ନାହିଁ ।

12.ଯୋଗ୍ୟ ବିବେଚିତ ହୋଇପାରିନଥିବା ନିଲାମଧାରୀଙ୍କ EMD ଟଙ୍କା ଉକ୍ତ ଉତ୍ସ ର ବନ୍ଦୋବସ୍ତ ସ୍ଥିରୀକୃତ ହେଲା ପରେ ଓ ବ୍ୟକ୍ତିବିଶେଷଙ୍କ ଠାରୁ ଦରଖାସ୍ତ ପାଇଲା ପରେ ଫେରସ୍ତ କରାଯିବ ।

13.ଦରଖାସ୍ତ ଦେବା ପୂର୍ବରୁ ସୈରାତ ଉତ୍ସ ଗୁଡିକୁ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ପଦାର୍ଥ ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ହେବେ ।

14.ଦରଖାସ୍ତ କରୁଥିବା ଲଘୁ ଖଣିଜ ଉତ୍ସର ସମ୍ପୂର୍ଣ୍ଣ ବିବରଣୀ ଏହି ବିଜ୍ଞାପନରେ ଥିବା "ଉତ୍ସ ର ନାମ, ଖାତା ନଂ., ପ୍ଲଟ ନଂ. ରକବା ଏବଂ କିସମ" ର ସଠିକ ତଥ୍ୟ ଲେଖିବା ବିଧେୟ ।

15.ଯଦି ଲିଜ ଧାରୀଙ୍କର ରୟାଲଟି ଦାଖଲ ପରେ କିମ୍ବା ଚୁକ୍ତି ପରେ ଆକସ୍ମିକ ମୃତ୍ୟୁ ହୁଏ, ତାହେଲେ ତାଙ୍କର ଉତ୍ତରାଧିକାରୀ କିମ୍ବା କ୍ଷମତା ପ୍ରାପ୍ତ ଅଧିକାରୀ ଉକ୍ତ ଉତ୍ସଟିକୁ ଲିଜ ଅବଧି ଶେଷ ପର୍ଯ୍ୟନ୍ତ ସରକାରୀ ଦେୟ ପଇଠ ପରିଚାଳନା କରି ପାରିବେ

16.ଯଦି ଯୋଗ୍ୟ ସର୍ବୋଚ୍ଚ ନିଲାମଧାରି ଠିକ ସମୟରେ ସରକାରୀ ଦେୟ ପଇଠ ନ କରନ୍ତି ବା ନିଲାମର ସର୍ତ୍ତାବଳୀ ଖିଲାପ କରନ୍ତି ତାହେଲେ ଦ୍ୱିତୀୟ ସର୍ବୋଚ୍ଚ ଯୋଗ୍ୟ ପ୍ରାର୍ଥୀଙ୍କୁ ସୈରତ ଉତ୍ସ ପରିଚାଳନା ପାଇଁ ଆବଶ୍ୟକୀୟ ସରକାରୀ ଦେୟ ପଇଠ ପରେ ସୁଯୋଗ ଦିଆଯିବ ।

17.ହିସାବ ଅନୁଯାୟୀ ରୟାଲଟି ଏବଂ Additional Charge ର 5% Odisha Environmental Management Fund Trust, Bhubaneswar ବାବଦକୁ ନିମ୍ନ ସ୍ୱାକ୍ଷରକାରୀଙ୍କ ଠାରେ Demand Draft ଆକାରରେ ଦାଖଲ କରିବେ ।

18.ଲିଜ ଧାରୀ ସୈରାତ ଉତ୍ସର ନକ୍ସା ଅନୁଯାୟୀ concrete pillar ଦ୍ୱାରା ବାଡ ଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ Display Board ତିଆରିକରି ସେଥିରେ ସେରତ ଉତ୍ସର ନକ୍ସା ସହିତ ଉତ୍ସର ନା ମ, ଜମିର ବିବରଣୀ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଉଲ୍ଲେଖ କରିବେ ।

19.ଜମା ରୟାଲଟିର 2 % ଲିଜଧାରୀ ଆୟକର(TDS) ଆକାରରେ ଟଙ୍କା ଜମା କରିବେ ।

20.ଲିଜପରେ ସୈରାତ ଉତ୍ସ ଚଳାଇବା ସମ୍ପର୍କରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ ହେବ ନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

21. ଲିଜ ଦିଆଯାଇଥିବା ଅବଧି ଭିତରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ହେଲେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

22 .ଚଳିତ ବର୍ଷ ର ଲଘୁ ଖଣିଜ ପଦାର୍ଥ ପାଇଁ Royalty, Surface Rent & Dead Rent ନିମ୍ନ ମତେ ଧାର୍ଯ୍ୟ ହୋଇଅଛି । ଏବଂ ଯୋଗ୍ୟ ନିଲାମ ପ୍ରତ୍ୟେକ ବର୍ଷର January 15 ପୂର୍ବରୁMinimum Guaranteed Quantity ଉପରେ ଆବଶ୍ୟକୀୟ ସରକାରୀ ଦେୟ ପଇଠ କରିବେ ।

| | | |
|---|---|---|
| 1. | Stone (per hec.Per Annum) | Rs. 130.00 |
| 2. | Surface rent (per hec.Per Annum) | Rs. 360.00 |
| 3. | Dead rent (per hec.Per Annum) | Rs.18000.00(for stone) |

2 3. .ଯଦି ଯୋଗ୍ୟ ନିଲାମଧାରୀ ନିଲାମର ସର୍ତ୍ତାବଳୀ ଖିଲାପ କରନ୍ତି, ତାହେଲେ EMD/Security Deposit ବାବଦକୁ ଦିଆଯାଇଥିବା ଅର୍ଥକୁ ବାଜ୍ୟାପ୍ତି କରିଯିବା ସହ ଏବଂ ଆବଶ୍ୟକ ସ୍ଥଳେ ବକୟା ସରକାରୀ ଦେୟ OPDR କେସ ମାଧ୍ୟମରେ ଆଦାୟ କାରାଯିବ । ଲିଜ ଚୁକ୍ତିନାମା ଦସ୍ତଖତ ପରେ ଯଦି କୌଣସି ଲିଜ ଧାରୀ Odisha Minor Mineral Concession Rules,20 16 ର କୌଣସି ସର୍ତ୍ତାବଳୀ ଉଲଂଘନ କରନ୍ତି ତାହେଲେ ଲିଜଧାରିଙ୍କର ଲିଜକୁ ରାଜ୍ୟ ସରକାରଙ୍କ କ୍ଷମତା ପ୍ରାପ୍ତ ଅଧିକାରୀ ଖାରଜ କରିପାରିବେ ।

24.କୌଣସି କାରଣ ନ ଦର୍ଶାଇ ଏହି ବିଜ୍ଞାପନକୁ ବାତିଲକରିବା , ପରିବର୍ତ୍ତନ କରିବା , ତ୍ରୁଟି ସଂଶୋଧନ କରିବା କିମ୍ବା କୌଣସି ଦରଖାସ୍ତ କୁ ଖାରଜ କରିବା କ୍ଷମତା ନିମ୍ନ ସ୍ୱାକ୍ଷରକାରିଙ୍କ ରହିଅଛି ।

ତହସିଲଦାର, ପୁଇଁତଲା

Tahasildar, Puintala

ଜ୍ଞାପକ ସଂ. ୭୭୨ ତା. ୨-୪-୨୦୨୧

ଏହାର ଏକକିତା ନକଲ ଗୋଷ୍ଠି ଉନ୍ନୟନ ଅଧିକାରୀ, ପୁଇଁତଲା/ସମସ୍ତ ରାଜସ୍ୱ ନିରୀକ୍ଷକ,ପୁଇଁତଲା ତହସିଲ/ସଂପୃକ୍ତ ଗ୍ରା.ପ. ସରପଂଚଙ୍କ ଅବଗତି ତଥା ନୋଟିସ ବୋର୍ଡରେ ପ୍ରକାଶ କରି ବିସ୍ତୃତ ଭାବେ ପ୍ରଚାର କରିବା ନିମନ୍ତେ ପ୍ରେରଣ କରାଗଲା / ଏହାର ଏକକିତା ନକଲ ପୁଇଁତଲା ତହସିଲର କାର୍ଯ୍ୟାଳୟ ନୋଟିସ ବୋର୍ଡରେ ବିସ୍ତୃତ ପ୍ରଚାର କରିବା ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ପୁଇଁତଲା
Tahasildar, Puintala

ଜ୍ଞାପକ ସଂ. ୭୭୭ ତା. ୨-୪-୨୦୨୧

ତହସିଲଦାର, ପୁଇଁତଲା।
ଏହାର ଏକକିତା ନକଲ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ, ବଲାଙ୍ଗିର ଙ୍କ ଅବଗତି ତଥା ଜିଲ୍ଲା ୱେବ୍‌ସାଇଟ୍ ରେ ପ୍ରକାଶ କରିବା ପାଇଁ ଅନୁରୋଧ କରାଗଲା ।

ତହସିଲଦାର, ପୁଇଁତଲା
Tahasildar, Puintala

ଜ୍ଞାପକ ସଂ. ୭୭୮ ତା. ୨-୪-୨୦୨୧

ଏହାର ଏକକିତା ନକଲ ଜିଲ୍ଲାପାଳ/ଉପ-ଜିଲ୍ଲାପାଳ, ବଲାଙ୍ଗିରଙ୍କ ସଦୟ ଅବଗତି । ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ପୁଇଁତଲା
Tahasildar, Puintala

ସାରଣୀ:- 1 **ଲିଜ ପାଇଁ ଉଦ୍ଦିଷ୍ଟ ଲଘୁ ଖାଦାନର ବିବରଣୀ**

| କ୍ର. ନଂ. | ମୌଜାର ନାମ | ଖାତା ନଂ | ପ୍ଲଟ୍ ନଂ | କିସମ | ରକବା AC. | ଲଘୁ ଖଣିଜ ଦ୍ରବ୍ୟର ନାମ | ସର୍ବନିମ୍ନ ରୟଲଟି ମୂଲ୍ୟ(per cum.)ଟଙ୍କାରେ | ଅତିରିକ୍ତ ଦେୟ (Additional Charge/cum ) ଟଙ୍କାରେ | MGO ଅନୁଯାୟି ବାର୍ଷିକ ଧାର୍ଯ୍ୟ ପଥର ପରିମାଣ | ଅଗ୍ରିମ ଦାଖଲ କରିବାକୁ ଥିବା ଅମାନତ ରାଶି Earnest Money ପରିମାଣ ଟଙ୍କାରେ |
|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 |
| 5 | କୁଟେନପାଲି | 126 | 574 | ପଥର ଚଟାଣ | Ac.5.00 | ପଥର | 130 | 7.00 | 4980 | 34113 |

ତହସିଲଦାର, ପୁଇଁତଲା
Tahasildar, Puintala

# ତହସିଲ କାର୍ଯ୍ୟାଳୟ, ପୁଇଁନ୍ତଲା।

ବିଜ୍ଞାପନ ସଂଖ୍ୟା: ୬୬୪ ତା: ୫.୪.୨୦୨୧

<u>ଲଘୁ ଖଣିଜ ଉତ୍ସର ଦୀର୍ଘ ମିଆଦି ଲିଜ ନିମନ୍ତେ ବିଜ୍ଞାପନ</u>

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ , ପୁଇଁନ୍ତଲା ତହସିଲ ଅଧିନ ରେ ଥିବା 1(ଏକ) ଗୋଟି ସୈରାତ ଉତ୍ସର ଚଳିତ 21-22 ବର୍ଷ ଠାରୁ 5(ପାଞ୍ଚ) ବର୍ଷିୟାଲିଜ ଆକାରରେ ବନ୍ଦୋବସ୍ତ କରିବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି ।

ଏହି ସୈରାତ ଉତ୍ସ ଗୁଡିକର ଲିଜ ସମ୍ବନ୍ଧୀୟ ସମସ୍ତ ତଥ୍ୟ ବଲାଙ୍ଗିର ଜିଲ୍ଲା ୱେବସାଇଟ http://www.balangir.nic.in ରେ ଉପଲବ୍ଧ ଅଟେ। ସବିଶେଷ ବିବରଣୀ ଓ ତତ୍ ସମ୍ବନ୍ଧିୟ ସର୍ତ୍ତାବଳି ଜାଣିବାପାଇଁ ଇଚ୍ଛୁକ ବ୍ୟକ୍ତି ସମ୍ପୃକ୍ତ ତହସିଲଦାରଙ୍କ କାର୍ଯ୍ୟାଳୟ ରେ ଯେ କୌଣସି କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରନ୍ତି ।

ତହସିଲଦାର, ପୁଇଁନ୍ତଲା।
Tahasildar, Puintala